# ନିଆଁ[୧]

ନିଆଁ କା' ଭିତରେ
ନାହିଁ କହିଲ?

ଖରା ଦ୍ୱିପହରେ
ଭୋକ ପରି ତରଳି ତରଳି
ଅଇଁଠା ଭାତ ଗଣ୍ଡାକ ପାଇଁ
ବୁଲା କୁକୁରମାନଙ୍କ ସହିତ
ଲଢେଇ କରୁଥିବା
ସେ କୁଷ୍ଠ–ରୋଗୀକୁ ପଚାର ।।

ପଚାର ରେଲୱେ– ଷ୍ଟେସନ୍
ନିକଟବର୍ତ୍ତୀ
ବସ୍ତିରେ ସେ ତେର ବର୍ଷର ଝିଅଟିକୁ
ଯା'ଦେହରୁ
ହାଣ୍ଡିଶାଳରେ ଟକ୍‌ମକ୍ ଫୁଟୁଥିବା ଭାତ ପରି
ଉଙ୍କି ମାରନ୍ତି
ଅଗଣିତ ଦେହର ଗନ୍ଧ,
ନଖ ଆଉ ଦନ୍ତ ।।

ପଚାର ମାଟିର
କ୍ଷତବିକ୍ଷତ ଇଚ୍ଛାରେ
କେମିତି ଉଜୁଡ଼ିଯାଏ ଗାଁ,
ଗର୍ଭିଣୀ ହରିଣୀକୁ ଘେରିଯାଏ
ଲହ ଲହ ନିଆଁ ।।

ପଚାର ପଚାର
ତମେ କୋଉଠି ପାଇବ ଯେ
ନିଆଁ ବିନା
ଜୀବନ!!

---

[୧] ସହକାର – ଫେବୃଆରୀ ଓ ମାର୍ଚ୍ଚ – ୧୯୯୯